Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

ସପ୍ତାହ –୨୨

ନ.- ୬୧୫ (ଓଡିଆ ବୁଲେଟିନ)
ତାରିଖ – ୨୯.୦୫.୨୦୨୬

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟନିର୍ଦ୍ଦେଶାଳୟ)

## ଜିଲ୍ଲା – ଖୋର୍ଦ୍ଧା

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ ବିଭାଗ (IMD) ର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗରମ ଓ ଆର୍ଦ୍ର ପାଣିପାଗ ଜାରି ରହିବାର ସମ୍ଭାବନା ଥିବାବେଳେ ସର୍ବାଧିକ ତାପମାତ୍ରା ୩୫° ସେ. ରୁ ୩୭° ଓ ସର୍ବନିମ୍ନ ତାପମାତ୍ରା ୨୬° ସେ. ରୁ ୨୭ ° ସେ. ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ପର୍ଯନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବା ସହ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି । ଉକ୍ତ ଦିନ ମାନଙ୍କରେ ପବନ ୦୭ ରୁ ୧୩ କିମି/ଘଣ୍ଟା ବେଗରେ ପ୍ରବାହିତ ହେବାର ସମ୍ଭାବନା ରହିଛି ।

ଚେତାବନୀ (ହଳଦିଆ): ଦିନବେଳା ଅଧିକ ଗରମ ଓ ଆର୍ଦ୍ର ରହିବା ସହିତ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ ବିଜୁଳି ଘଡଘଡି ସହିତ ଝଡ ବର୍ଷାର ସମ୍ଭାବନା ରହିଛି ।

## ସାଧାରଣ ଉପଦେଶ

- ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତା ରେ ଭର୍ତି କରି ସାଇତି ରଖିଲେ ଏହାର ଗୁଣ, ରଙ୍ଗ, ବାସନା ଓ ସ୍ୱାଦ ବହୁତ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରହିବ ।
- କାଳ ବୈଶାଖୀ ବର୍ଷା ଓ ଝଟକା ପବନ ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।
- ଆମ୍ବ ଗଛର ଫଳକୁ ନେଟ୍ (ଜାଲ) ଲଗାଇ ପବନରୁ ରକ୍ଷା କରନ୍ତୁ।
- ଦିନର ତାପମାତ୍ରା ବୃଦ୍ଧି ସହ ଗ୍ରୀଷ୍ମ ଲହରୀ ପ୍ରବାହର ପୂର୍ବାନୁମାନ ଥିବାରୁ, ଅଧିକ ଗରମ ସମୟରେ ( ଦିନ 12 ଟାରୁ 4ଟା) କାମ ନକରିବାକୁ ଏବଂ ଖରା ସମୟରେ ମୁଣ୍ଡ ଓ ବେକକୁ ଢାଙ୍କିବା ପାଇଁ ଚଉଡା ଟୋପି କିମ୍ବା କପଡ଼ା ବ୍ୟବହାର କରିବାକୁ ଏବଂ ହାଲୁକା ପୋଷାକ ପିନ୍ଧିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଅଛି ।
- ସର୍ବଦା certified (ପ୍ରାମାଣିକ) ବିହନର ବ୍ୟବହାର କରନ୍ତୁ ଓ ପ୍ରତି ୩ ବର୍ଷ ପରେ ଏହାକୁ ପରିବର୍ତନ କରନ୍ତୁ । ଉନ୍ନତମାନ ବିହନ / ଅଧିକ ଅମଳକ୍ଷମ ବିହନ ବ୍ୟବହାର କଲେ ଅମଳ ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ ।
- ବୃଷ୍ଟିପୁଷ୍ଟ ଡିପ ଜମିମାନଙ୍କରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ ଯଥା- ଡାଲି ଫସଲ, ତୈଳବିଜ ଫସଲ, କପା, ସୂର୍ଯ୍ୟମୂଖୀ, ପନିପରିବା ଆଦି ଏକକ ଫସଲ ଭାବେ ଅଥବା ମିଶ୍ରିତ ଫସଲ ଭାବେ ଚାଷ କରନ୍ତୁ ।
- ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- କ୍ଷୟ କ୍ଷତି ଏଡ଼ାଇବା ପାଇଁ ଫାର୍ମ ଉପକରଣ, ମୋଟର ଏବଂ ସିଞ୍ଚନ ପମ୍ପଗୁଡ଼ିକ ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ପରାମର୍ଶ ଦିଆ ଯାଉଅଛି ।
- ଗାଈଗୋରୁ ମାନଙ୍କୁ ପରିଷ୍କାର ଏବଂ ଉଚିତ ପରିମାଣର ପାଣି ଯୋଗାନ୍ତୁ । ବର୍ଷା ହେଉନଥିଲେ ଘାସ ଚରିବା ପାଇଁ ପଶୁ ମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ ।

### ସଂକ୍ଷିପ୍ତ ଉପଦେଶ:

- ଉତ୍ତର ଓଡ଼ିଶା ଉପକୂଳ ଏବଂ ଏହାର ନିକଟବର୍ତ୍ତୀ ସମୁଦ୍ରରେ ୨୯ ମେ, ୨୦୨୬ ତାରିଖରେ ଧୀବରମାନଙ୍କୁ ସମୁଦ୍ରକୁ ଯାତ୍ରା ନ କରିବା ପାଇଁ ପରାମର୍ଶ ଦିଆଯାଇଅଛି ।

**ବିଶେଷ ଉପଦେଶ**

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | | ❖ ଉଚ୍ଚ ଜମିରେ ଧାନ ଚାଷ ପାଇଁ ୧୦୦ ରୁ୧୨୦ ଦିନ ମଧ୍ୟରେ ହେଉଥିବା ଅମଳକ୍ଷମ ଧାନ କିସମ ଗୁଡିକ ହେଲା ଖଣ୍ଡଗିରୀ, ସହଭାଗୀ ଧାନ, ମନ୍ଦାକିନୀ, ନବୀନ, GB-୧, ବୀଣା-୧୧, ଏମଟିୟୁ-୧୦୧୦, ସତ୍ୟଭାମା, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି ।<br>❖ ମଝିଆଳି ଜମିରେ ଧାନ ଚାଷ ପାଇଁ ୧୨୦ ରୁ୧୪୦ ଦିନ ମଧ୍ୟରେ ହେଉଥିବା ଅମଳକ୍ଷମ କିସମ ଗୁଡିକ ହେଲା ଏମଟିୟୁ-୧୧୫୬, ଏମଟିୟୁ-୧୧୫୩, ଲଲାଟ, ଉନ୍ନତ ଲଲାଟ, ଏମଟିୟୁ-୧୦୧୦, ସମ୍ପଦା, ମନସ୍ୱିନୀ, ଗୀତାଞ୍ଜଳି,ନୂଆ ଆଚାରମତି ଇତ୍ୟାଦି ।<br>❖ ଖାଲ ଜମିରେ ଧାନ ଚାଷ ପାଇଁ୧୪୦ ଦିନ ରୁ ଅଧିକ ଦିନରେ ଅମଳ ହେଉଥିବା କିସମ ଗୁଡିକ ଯଥା ପ୍ରତୀକ୍ଷା, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ-୧, ମୃଣାଳିନି, ହସନ୍ତ, ରାଣୀ ଧାନ, ଏମଟିୟୁ-୧୦୬୪, ଶାରଳା, ଦୂର୍ଗା, ପ୍ରଧାନ ଧାନ ଇତ୍ୟାଦି।<br>ଉନ୍ନତ ମାନର ବିହନ ଚୟନ-<br>ଯଦି ନିଜେ ଅମଳ କରିଥିବା ଧାନକୁ ବିହନ ହିସାବରେ ବ୍ୟବହାର କରୁଛନ୍ତି ତେବେ ପ୍ରତି ୧୦ କିଲୋଗ୍ରାମ ବିହନ ପାଇଁ ଏକ ଡ୍ରମରେ ୧୦ ଲିଟର ପାଣିନେଇ ସେଥିରେ ୧ କିଲୋଗ୍ରାମ ଲୁଣ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଥରକରେ ୨-୩ କିଲୋଗ୍ରାମ ବିହନ କୁ ଦ୍ରବଣରେ ଭଲଭାବରେ ମିଶାନ୍ତୁ ଏବଂ ପାଣି ଉପରେ ଭାସୁଥିବା ଅଗାଡ, ଘାସ ମଞ୍ଜି ଇତ୍ୟାଦି କାଢି ଦିଅନ୍ତୁ। ଡ୍ରମର ନିମ୍ନ ଭାଗ ରେ ଥିବା ଓଜନିଆ ବିହନ କୁ ସଂଗ୍ରହ କରି ପରିଷ୍କାର ପାଣିରେ ଭଲଭାବରେ ୨-୩ ଥର ଧୋଇ ଦିଅନ୍ତୁ । ଏହାପରେ ବିହନ କୁ୨-୩ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ଉପଯୁକ୍ତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଘାସୁଆ ରୁଗୁଡ଼ିଆ ରୋଗ<br>ଆଖୁ ଫସଲରେ ଘାସୁଆ ରୁଗୁଡ଼ିଆ ରୋଗର ନିୟନ୍ତ୍ରଣ ପାଇଁ ଆକ୍ରାନ୍ତ ଗଛକୁ ଓପାଡି ଦୂରରେ ପୋଡି ନଷ୍ଟ କରି ଦିଅନ୍ତୁ । ଏହି ରୋଗର ବାହକ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମି .ଲି.Imidacloprid ନାମକ କୀଟନାଶକ, ୨୦୦ -ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ / ବିଲାତି ବାଇଗଣ | ତଳି ଘେରା ପରିଚାଳନା | ❖ ତଳି ଘେରା ପରିଚାଳନା ଓ ବିହନ କିସମ- ବାଇଗଣ ବର୍ଷସାରା ଚାଷ କରାଯାଇ ପାରିବ। ମୁଖ୍ୟତଃ ଓଡିଶା ରେ ଏହା ଜାନୁୟାରୀ-ଫେବୃଆରୀ, ଜୁନ-ଜୁଲାଇ ଓ ସେପ୍ଟେମ୍ବର-ଅକ୍ଟୋବର ଲଗାଯାଇଥାଏ । ତଳିଘରା ପାଇଁ ସର୍ବଦା ନୂଆ ନୂଆ ସ୍ଥାନ ବାଛିବା କଥା । ୪ ଟି ନର୍ସରୀ ବେଡ ବା ତଳିପଟାଳି (୨୫ ଫୁଟ ଲମ୍ବ, ୪ ଫୁଟ ଚଉଡା ଓ ୬ ଇଞ୍ଚ ଉଚ୍ଚ ପଟାଳି) ଏକ ଏକର ଜମିରେ, ଚାରା ଲଗାଇବା ନିମନ୍ତେ ଯଥେଷ୍ଟ । ଏକ ଏକର ବାଇଗଣ ଚାଷ ପାଇଁ ୨୦୦ -ଗ୍ରାମ ଉନ୍ନତ କିସମ ବିହନ ଏବଂ ୮୦- ଗ୍ରାମ ଶଙ୍କର କିସମ ବିହନ ଆବଶ୍ୟକ ହୋଇଥାଏ । ଓଡ଼ିଶାର ଜଳବାୟୁ ପାଇଁ ବାଇଗଣ ର କିଛି ଉନ୍ନତ କିସମ ଗୁଡକି ହେଲା ଉତ୍କଳ ତାରିଣୀ , ଉତ୍କଳ ମାଧୁରୀ, ସଫେଦ ମୋତି, ଭି ଏନ୍ ଆର୍ ଲଙ୍ଗ ପର୍ପଲ, ଅକ୍ଷିତା, ଭି ଏନ୍ ଆର୍ B5, ଭୈରବୀ, ବୋରୀଗୁମ୍ମା ରାଉଣ୍ଡ ଇତ୍ୟାଦି । ବିହନ ବୁଣିବା ୧୦ଦିନ ଆଗରୁ ପ୍ରତି ପଟାଳି ରେ ୨୦ କେଜି ଭାବରେ ଶୁଖି ଥିବା ଗୁଣ୍ଡ ଖତ କୁ ମାଟିରେ ମିଶାନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ବର୍ତମାନ ସମୟରେ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ରୁ କଖାରୁ ଜାତୀୟ ପନିପରିବା ରେ ଉଚ୍ଛୁର ପତ୍ରପୋଡା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ **Carbendazim ୧୨ % + Mancozeb ୬୩ % WP** ର ମିଳିତ ଫିମ୍ପିନାଶକ @ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ ଗଣ୍ଡି ଓ ଫଳ ବିନ୍ଧା ପୋକ-<br>ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦ ମି.ଲି Pyridalyl ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ଲଙ୍କାମରିଚ: | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଲଙ୍କାମରିଚ ଫସଲ ରେ ବର୍ତ୍ତମାନ ସମୟ ରେ ଅଷ୍ଟପଦୀ ଲାଗିବାର ସମ୍ଭାବନା ରହିଛି । ଅଷ୍ଟପଦୀ ଦ୍ଵାରା ଆକ୍ରାନ୍ତ ଲଙ୍କାମରିଚ ଗଛର ପତ୍ର ତଳ କୁ ମୋଡିହୋଇଯାଇଥାଏ ଏବଂ ମୋଟା ହୋଇଯାଏ । ପତ୍ରର ଡେମ୍ଫ ଅଧିକ ଲମ୍ବା ହୋଇ ପରେ ଶୁଖି ମରିଯାଏ । ରାସାୟନିକ ଉପାୟ ରେ ଲଙ୍କାମରିଚ ଫସଲ ରେ ଅଷ୍ଟପଦୀ ର ପରିଚାଳନା ପାଇଁ ଏକର ପ୍ରତି ୬୦୦- ମିଲି Propargite ନାମକ କୀଟନାଶକ କିମ୍ବା ୧୬୦- ମିଲି Spiromesifen ନାମକ କୀଟନାଶକ କିମ୍ବା ୨୫୦-ଗ୍ରାମ Diafenthiuron ନାମକ କୀଟନାଶକ, ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଖମ୍ବଆଳୁ | ଲଗାଇବା ଅବସ୍ଥା | ❖ ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ । ଦେଶୀ ଆଳୁ - ଶ୍ରୀକୀର୍ତ୍ତି, ଶ୍ରୀରୁପା, ହାତୀଖୋଜ, ଛୋଟ ଖମ୍ବଆଳୁ - ଶ୍ରୀକଳା, ଧଳା ଖମ୍ବଆଳୁ-ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ । ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର ହୁଏ । ଏହି ଖଣ୍ଡ ଗୁଡିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ । ଜମିକୁ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ । ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୁରଣ କରନ୍ତୁ । ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ । ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ । ମନ୍ଦାରେ ଖମ୍ବଆଳୁ ବିହନକୁ ୫-୧୦ ସେମି ଗଭୀରରେ ପୋତନ୍ତୁ । ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ ଦେଇ ଘୋଡାଇ ଦିଅନ୍ତୁ । |
| କଦଳୀ | ଅଙ୍ଗୀୟ ବୃଦ୍ଧି - ଫଳ ଧରିବା ଅବସ୍ଥା | ❖ କଦଳୀ ଗଛରେ ଘୁଣିପୋକ ବା ଶୁଣ୍ଢ଼ୀ ପୋକର ପରିଚାଳନା ପାଇଁ କଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗ ଆକର୍ଷକ ଯନ୍ତା ବସାନ୍ତୁ । ଗଛ ଲଗାଇବା ବେଳକୁ କନ୍ଧା ଗୁଡିକୁ ଉଷୁମ ପାଣିରେ ବୁଡାଇ (୩୦ମିନିଟ୍) ତାପରେଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସି ଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁ ରକ୍ଷା ପାଇବା ପାଇଁ ଆକ୍ରାନ୍ତ ଗଛକୁ କାଟି ଟିକିଟିକି କରି ଖରାରେ ଶୁଖାଇ ଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |
| କୁକୁଡା ପରିଚାଳନା | ❖ କୁକୁଡା ଧଳା ଝାଡା ରୋଗ- ଏହି ରୋଗ ରେ ଆକ୍ରାନ୍ତ ଛୁଆ ମାନେ ଏକାଠି ହୋଇ ଘୁମାନ୍ତି । ଧଳା ଚୂନ ଭଳି ଝାଡ଼ା ହୋଇ ପଛ ପଟେ ଲାଗେ । ନିଶ୍ୱାସ ନେବା ସମୟରେ ଘୁଡୁଘୁଡୁ ଶବ୍ଦ କରନ୍ତି । ଖାଦ୍ୟ ଖାଇବା ବନ୍ଦ କରି ଦିଅନ୍ତି । ସାଧାରଣତଃ ଛୁଆ ଫୁଟିବାର ୫ ୧୦-ଦିନ ମଧ୍ୟରେ ମୃତ୍ୟୁହାର ଅଧିକ ହୋଇଥାଏ। ବଡ଼ କୁକୁଡ଼ା ମାନେ ଆକ୍ରାନ୍ତ ହେଲେ ଶାଗୁଆ ଝାଡ଼ା ହୋଇଥାଏ । ଚୂଳ ଶୁଖିଯାଏ, ଦୁର୍ବଳ ହୋଇ ଅଣ୍ଡା ଉତ୍ପାଦନ କମିଯାଏ, ମୃତ୍ୟୁହାର କମ ହୁଏ । ମାତ୍ର ଏମାନେ ସାଧାରଣତଃ ରୋଗ ର ବାହକ ହୋଇ ରୁହନ୍ତି ଓ ଏମାନଙ୍କ ଅଣ୍ଡାରୁ ଛୁଆ ଫୁଟିଲେ ଛୁଆ ମାନେ ଏହି ରୋଗ ଦ୍ଵାରା ଆକ୍ରାନ୍ତ ହୁଅନ୍ତି। ଏହି ରୋଗ ର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକ ଙ୍କ ପରାମର୍ଶ ରେ, ଆଣ୍ଟିବାୟୋଟିକ ମାତ୍ରା ଅନୁସାରେ ପାଣିରେ ୫ ରୁ ୭ ଦିନ ପର୍ଯ୍ୟନ୍ତ ପିଇବାକୁ ଦେଲେ ଭଲ୍ ଫଳ ମିଳିଥାଏ । | |
| ଛେଳି ଓ ମେଣ୍ଢା | ❖ ଛେଳି ଓ ମେଣ୍ଢା ଙ୍କ ପାଇଁ ବାଲିଚଟାଣ ଗୁହାଳ - ଗୁହାଳରେ ବାଲି ବ୍ୟବହାର କରିବା ଦ୍ଵାରା ଗୁହାଳ ଚଟାଣ ଶୁଖିଲା ରୁହେ ଯାହା ଦ୍ଵାରା ପଶୁମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାନ୍ତି । ଏହି ପ୍ରକାର ଗୁହାଳ ର ବିଶେଷତ୍ଵ ଯେ ଚଟାଣ ଟି ଇଟା, ସିମେଣ୍ଟ ଦ୍ଵାରା ତିଆରି ହୋଇଥାଏ ଏବଂ ତା'ଉପରେ ନଈବାଲି ୪୬- ଇଞ୍ଚ ପକାଯାଏ । ଏହା ଦ୍ଵାରା ମୂତ୍ର କୁ ବାଲି ଶୋଷିନେଇଥାଏ ଫଳରେ ପଶୁ ସହଜରେ ତା'ଉପରେ ଶୋଇପାରେ । ଛେଳି ମୁଖ୍ୟତଃ ନେଣ୍ଡିମଳ ପରିତ୍ୟାଗ କରିଥାଏ ତେଣୁ ଉପରେ ଉପରେ କେବଳ ନେଣ୍ଡି କୁ ସଫା କରିବା ସହଜ ହୋଇଥାଏ । ୧୫୨୦ ଦିନ- ବ୍ୟବଧାନ ରେ ଚଟାଣ ର ବାଲି ଶୁଖିବା ପାଇଁ ବାଲି କୁ ଓଲ୍ଟ ପାଲ୍ଟ କରିଦେଲେ ବାଲି ଦେହରେ ଜମା ହୋଇଥିବା ମୂତ୍ର ଶୁଖି ଯାଇଥାଏ । ଛେଳି ଛୁଆ ପାଇଁ୦ ୫., ବଡ ଛେଳି ପାଇଁ ୧ ୨ ଓ.ବୋଦା ଏବଂ ଗର୍ଭବତୀ ଛେଳି ପାଇଁ ୨ ବର୍ଗ ମିଟର ଚଟାଣ ଆବଶ୍ୟକ ଯାହାକି ସବୁ ପ୍ରକାର ଗୁହାଳ ପାଇଁ ପ୍ରଯୁଜ୍ୟ ହୋଇଥାଏ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link:** https://play.google.com/store/apps/details?id=com.imd.masuam&hl=hi
**Meghdoot MobileApp link:** https://play.google.com/store/apps/details?id=com.aas.meghdoot
**Damini MobileApp link :** https://play.google.com/store/apps/details?id=com.lightening.app.damini&hl=en_IN

---

**E-mail:** aas_ouat@yahoo.com, **WhatsApp**: +91 76569 09765, **Web Portal:** https://ouat.nic.in/agro-advisory-service